# ଗ୍ରାମୀଣ କୃଷି ମୌସମ ସେବା

ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର
ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)

**ପତ୍ରିକା ସଂଖ୍ୟା-୨୨/୨୪**

**ଜିଲ୍ଲା-ବାଲେଶ୍ୱର** ତା.୧୫.୦୩.୨୦୨୪

**ପାଣିପାଗ ପୂର୍ବାନୁମାନ (ତା. ୨୦.୦୩.୨୦୨୪ ପର୍ଯ୍ୟନ୍ତ )-:** ପାଣିପାଗ ବିଭାଗର ପୂର୍ବାନୁମାନ ଅନୁୟାୟୀ ,ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ସହ ଆକାଶ ମେଘୁଆ ରହିବାର ସମ୍ଭାବନା ରହିଛି।ପବନର ବେଗ ଘଣ୍ଟା ପ୍ରତି ୧୦-୧୪ କିଲୋମିଟର ମଧ୍ୟରେ ରହିବ। ଆସନ୍ତା ୫ ଦିନ ପର୍ୟ୍ୟନ୍ତ ସର୍ବୋଚ୍ଚ ତାପମାତ୍ରା ୨୯-୩୩ ଓ ସର୍ବନିମ୍ନ ତାପମାତ୍ରା ୨୦-୨୫ ଡିଗ୍ରୀ ସେଲସିୟସ ରହିବାର ସମ୍ଭାବନା ଅଛି ।

| DISTRICT | Date | Rainfall (mm) | T-MAX (C ) | T-MIN (C ) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| BALASORE | 16-03-2024 | 4 | 33 | 20 | 5 | 89 | 52 | 14 | 180 |
| | 17-03-2024 | 2 | 33 | 20 | 4 | 83 | 49 | 12 | 197 |
| | 18-03-2024 | 5 | 32 | 24 | 6 | 72 | 50 | 12 | 234 |
| | 19-03-2024 | 15 | 31 | 25 | 6 | 71 | 41 | 10 | 162 |
| | 20-03-2024 | 20 | 29 | 25 | 8 | 72 | 40 | 12 | 158 |

## ପାଣିପାଗଭିତ୍ତିକ କୃଷି ଓ ପଶୁପାଳନ ଉପଦେଶ

| | | |
|---|---|---|
| **ସାଧାରଣ ଉପଦେଶ** | ➤ ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁୟାୟୀ, ଆସନ୍ତା ୫ ଦିନ ପର୍ୟ୍ୟନ୍ତ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି , ଚାଷୀମାନେ ମୁଗ,ବିରି, ମକା, ପନିପରିବା ଏବଂ ସୂର୍ୟ୍ୟମୁଖୀ ଭଳି ଜଳ ସମ୍ବେଦନଶୀଳ ଫସଲ କ୍ଷେତରୁ ଅତିରିକ୍ତ ଜଳ ନିଷ୍କାସନ କରନ୍ତୁ ।<br>➤ ସମସ୍ତ ସିଂଚନ ଏବଂ କୀଟନାଶକ ପ୍ରୟୋଗ କାର୍ୟ୍ୟକୁ ସ୍ଥଗିତ କରନ୍ତୁ। | |
| **ଫସଲର ନାମ** | **ଫସଲର ଅବସ୍ଥା** | **ପାଣିପାଗ ଭିତ୍ତିକ ପରାମର୍ଶ** |
| **ଖରାଟିଆ ଧାନ** | **ପିଲ ଅବସ୍ଥା** | ❖ ଧାନ ଫସଲରେ କାଣ୍ଡ ବିନ୍ଧା ପୋକର ପ୍ରାଦୁର୍ଭାବ ବୃଦ୍ଧି ପାଇଛି।ଏହାର ନିରାକରଣ ପାଇଁ ଏକର ପ୍ରତି ୪ କେଜି Rynaxypyr ୦.୪ G ଅଥବା Ր kg Fipronil ୦.୩ G କୁ କ୍ଷେତରେ ପାଣିବାନ୍ଧି ପ୍ରୟୋଗ କରନ୍ତୁ।<br>❖ ଖରାଟିଆ ଧାନରେ କିଛି ଜାଗାରେ ପତ୍ର ପୋଡା ରୋଗ ସଂକ୍ରମଣ ବୃଦ୍ଧି ପାଉଛି ଏହାକୁ ନିରାକାରଣ କରିବା ପାଇଁ ଏକର ପ୍ରତି ୨୦୦ ଗ୍ରା plantomycin ସହ ୫୦୦ ଗ୍ରା cupper oxy chloride ୨୦୦ ଲି ପଣି ସହ ମିଶାଇ ପତ୍ର ସିଂଚନ କରନ୍ତୁ ଏବଂ ଏକର ପ୍ରତି ୧୦ kg MOP କୁ କ୍ଷେତରେ ପ୍ରୟୋଗ କରନ୍ତୁ । |
| **ମୁଗ** | **ଫୁଲ ଏବଂ ଫଳ ଅବସ୍ଥା** | ଖରାଟିଆ ମୁଗ ଫସଲରେ ଛୁଇଁ ବିନ୍ଧା ର ପରିଚାଳନା ପାଇଁ ଏକର ପିଛା ଏମାମେକ୍ଟିନ୍ ବେନଜୋଏଟ୍ @ 80g କିମ୍ବା ପ୍ରୋଫେନୋଫୋସ୍ @ 400 ମିଲି ସ୍ପ୍ରେ କରନ୍ତୁ। |
| **ସୁର୍ଜ୍ଜମୁଖୀ** | **ଫୁଲ ଅବସ୍ଥା** | ମୂଳ ସୋଢା ଏବଂ ଝାଉଁଳା ନିୟନ୍ତ୍ରଣ କରିବାକୁ ଏକର ପିଛା (ମେଟାଲାକ୍ସିଲ୍ + ମାନକୋଜେବ୍) କିମ୍ବା (ସାଇମକ୍ସାନିଲ୍ + ମାନକୋଜେବ୍) @ 400gm ପ୍ରୟୋଗ କରନ୍ତୁ \| ସୁର୍ଜ୍ଜମୁଖୀ ଫସଲରେ ସଂକ୍ରମିତ ଉଭିଦଗୁଡିକୁ କ୍ଷେତରୁ ବାହାର କରନ୍ତୁ \| |
| **ଆଖୁ** | **ଫୁଲ ଅବସ୍ଥା** | ଆଖୁରେ ସଅଁଳ କାଣ୍ଡ ବିନ୍ଧାପୋକ ଦୃଷ୍ଟିଗୋଚର ହେଲେ Fipronil ୫ SC@ ୪୦୦ମିଲି/ଏକର ପତ୍ର ସିଂଚନ କରନ୍ତୁ । |

| | | |
|---|---|---|
| **পনিপরিবা** | **ଫୁଲ ଏବଂ ଫଳ ଅବସ୍ଥା** | ❖ ବର୍ଷାର ପୂର୍ବାନୁମାନ ହୋଇଥିବାରୁ ବାଇଗଣ କ୍ଷେତରେ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ।<br>❖ ବାଇଗଣ ଫସଲରେ ଫଳବିନ୍ଧା ପୋକର ଦମନ ପାଇଁ ୧ ଲିଟର ପାଣି ପ୍ରତି ୮୦ ଗ୍ରାମ ଏମାମେକ୍ଟିନ ବେଞ୍ଜୋଏଟ କିମ୍ବା ୭୦ ମି.ଲି. ସ୍ପିନୋସାଡ କିମ୍ବା Thiachloprid @୨୫୦ମିଲି /ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।ନିୟମିତ ଆକ୍ରାନ୍ତ ଡାଳ ଓ ଫଳ କୁ ସଂଗ୍ରହ କରି ନଷ୍ଟ କରନ୍ତୁ।<br>❖ ବାଇଗଣ ଓ ଟମାଟୋ ଫସଲରେ ଝାଉଂଳା କିମ୍ବା ଆଂଶିକ ଝାଉଂଳା ରୋଗ ଦେଖାଗଲେ ଆକ୍ରାନ୍ତ ଗଛ କୁ ଓପାଡି ଦିଅନ୍ତୁ ଓ ଗଛ ମୂଳରେ ନିମ୍ବ କିମ୍ବା କରଞ୍ଜ ପିଡିଆ ପ୍ରୟୋଗ କରନ୍ତୁ । ପ୍ରତି ଲିଟର ପାଣିରେ ୧ ମି.ଲି. କବକ ନାଶକ ଟେବୁକୋନାଜୋଲ କୁ ମିଶାଇ ଗଛ ମୂଳ ଓ ପତ୍ରକୁ ସିଂଚନ କରନ୍ତୁ । |
| **ଆମ୍ବ** | **ବଉଳ ଅବସ୍ଥା** | ❖ ଆମ୍ବ ଗଛରେ ଫଳ ପରିମାଣ ବୃଦ୍ଧି କରିବା ପାଇଁ NAA@1ml/4.5l ର ସ୍ପ୍ରେ କରନ୍ତୁ ।<br>❖ ଆମ୍ବ ଡାହାଣୀ ଓ ଦହିଆ ପୋକ ଦେଖାଗଲେ Thiamethoxam ୦.୪ ଗ୍ରା/ଲିଟର କିମ୍ବା Lambda Cyahalothrin 4.9 CS @1.25 ମିଲି /ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। |
| **ପଶୁପାଳନ** | | ❖ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ପୂର୍ବାନୁମାନ କରାଯାଇଛି , ଚାଷୀମାନେ ସେଡ୍ ଭିତରେ ଗୃହପାଳିତ ପଶୁ ର ଖନ୍ତୁ, ।ବଜ୍ରପାତ ଯୋଗୁଁ ହେଉଥିବା ମୃତ୍ୟୁକୁ ରୋକିବା ପାଇଁ ଚାରଣକ୍ଷେତ୍ରକୁ ପଶୁଙ୍କୁ ପଥାନ୍ତୁ ନାହି। |

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା , QPM, ଟିସୁ କଲଚର ଗଛ , ଫଳ ଓ ପନିପରିବା , ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android:https://play.google.com/store/apps/details?id=com.aas.meghdoot)(iOS: https://apps.apple.com/in/app/meghdoot/id1474048155)